# NATIONAL NEWS BULLETIN (ODIA)

## 08th June - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତର ସୀମାପାର ଆତଙ୍କବାଦ ବିରୋଧ ଲଢ଼େଇକୁ ଦୃଢ଼ ସମର୍ଥନ କରିଛନ୍ତି ବ୍ରିଟେନ୍ ବୈଦେଶିକ ସଚିବ ।

- କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ୧୪ ହଜାରରୁ ଅଧିକ କୌଶଳ ବିକାଶ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିଥିବା ସୂଚନା ।

- ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ଜର୍ମାନୀ ପ୍ରତିପକ୍ଷଙ୍କୁ ଜଣାଇଲେ ସର୍ବଦଳୀୟ ପ୍ରତିନିଧି ଦଳ ।

- ମଣିପୁରର ୫ଟି ଜିଲ୍ଲାରେ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ।

ଏବଂ

- ଆସାମ ବନ୍ୟା ପରିସ୍ଥିତିରେ ସୁଧାର; ୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

# ପି.ଏମ୍. - ଡାଭିଡ୍ ଲାମି

ବ୍ରିଟେନ୍‌ର ବୈଦେଶିକ ସଚିବ ଡାଭିଡ୍ ଲାମି ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ରଣନୈତିକ ଭାଗିଦାରିତା ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସନ୍ତୋଷ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଜଡ଼ିତ ସୁରକ୍ଷା ବ୍ୟବସ୍ଥା ଏବଂ ଉଦ୍ଭାବନ କ୍ଷେତ୍ରରେ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକୁ ଶ୍ରୀ ମୋଦି ସ୍ୱାଗତ କରିଛନ୍ତି ।

ବୈଦେଶିକ ସଚିବ ଡାଭିଡ୍ ଲାମି କହିଛନ୍ତି, ବ୍ରିଟେନ୍ ଭାରତ ସହ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ପ୍ରଯୁକ୍ତିବିଦ୍ୟା, ଉଦ୍ଭାବନ ଓ ସ୍ୱଚ୍ଛ ଶକ୍ତିକ୍ଷେତ୍ରରେ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ ରହିଛି । ସେ କହିଛନ୍ତି, ମୁକ୍ତ ବାଣିଜ୍ୟ ଚୁକ୍ତି ଉଭୟ ଦେଶପାଇଁ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବ ।

ଏହି ଆଲୋଚନାକାଳରେ ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକ ଉପରେ ମତ ବିନିମୟ କରିଥିଲେ । ବ୍ରିଟେନ୍ ବୈଦେଶିକ ସଚିବ ଶ୍ରୀ ଲାମି ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଭାରତର ସୀମାପାର ଆତଙ୍କବାଦ ବିରୋଧ ଲଢ଼େଇରେ ସମ୍ପୂର୍ଣ୍ଣ ସହଯୋଗ କରିବା ଲାଗି ପ୍ରତିଶ୍ରୁତି ଦେଇଛି ।

# ଜେ.କେ. - ବନ୍ଦେ ଭାରତ

ଜମ୍ମୁର କଟ୍ରା ଏବଂ ଶ୍ରୀନଗର ମଧ୍ୟରେ ଉତ୍ତର ରେଳବାଇ ପକ୍ଷରୁ ବନ୍ଦେଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରାଯାଇଛି । ଗତ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟ୍ରାରେ ବନ୍ଦେଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ । କଟ୍ରାରୁ ବାରମୁଲା ଯାଇଥିବା ଯାତ୍ରୀମାନେ ବନ୍ଦେଭାରତ ଟ୍ରେନ୍ ଯାତ୍ରା ଅତ୍ୟନ୍ତ ସୁଖଦ ବୋଲି କହିଛନ୍ତି । ଗତକାଲି ସନ୍ଧ୍ୟାରେ ବନ୍ଦେଭାରତ ଟ୍ରେନ୍ ପହଞ୍ଚିବା ପରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଥିଲା । ଉତ୍ତର ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨ଟି ବନ୍ଦେଭାରତ ଟ୍ରେନ୍ କଟ୍ରା ଏବଂ ଶ୍ରୀନଗର ମଧ୍ୟରେ ପ୍ରତ୍ୟେକ ଦିନ ୪ ଥର ଯିବା ଆସିବା କରିବ ।

# ସ୍ପେଶାଲ୍ ଫିଚର

ଭାରତ ଗତ ଏକ ଦଶନ୍ଧିରେ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରି ବ୍ୟାପକ ପରିବର୍ତ୍ତନ ଆଣିପାରିଛି । ଗତ ୧୧ ବର୍ଷ ଧରି କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରିଥିବା ପଦକ୍ଷେପ ଏବଂ ସେଗୁଡ଼ିକର ସଫଳତାକୁ ନେଇ ଆକାଶବାଣୀ ସମ୍ବାଦ

ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା କରାଯାଉଛି । ଆଜି ଆସନ୍ତୁ ଜାଣିବା କିଭିଳି ଗତ ୧୧ ବର୍ଷ ମଦ୍ୟରେ ଅର୍ଥନୈତିକ ସଂସ୍କାର ଦେଶର ମଧ୍ୟମ ବର୍ଗକୁ ଆର୍ଥିକ ଭାବେ ସଶକ୍ତ କରିଛି ।

ଗତ ଏକ ଦଶନ୍ଧି ହେବ ଭାରତର ମଧ୍ୟମ ବର୍ଗର ଲୋକେ ଦେଶର ବିକାଶରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି । କେବଳ ସେମାନଙ୍କ ଆବଶ୍ୟକତା ପୂରଣ କରାଯାଇ ନାହିଁ; ବରଂ ସେମାନେ ଯେଭିଳି ବିକାଶ ସହ ଜଡ଼ିତ ହୋଇ ରହିପାରିବେ, ସେକ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି ।  ଟିକସ ସଂସ୍କାରଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଏବଂ କୌଶଳ ବିକାଶ ଦିଗରେ କେନ୍ଦ୍ର ସରକାର ମଧ୍ୟମ ବର୍ଗଙ୍କୁ ସଶକ୍ତ କରିଛନ୍ତି । କେନ୍ଦ୍ରୀୟ ବଜେଟ୍‌ରେ ନୂଆ ଟିକସ ନୀତି ଅନୁଯାୟୀ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରାଯାଇଛି । ଲୋକମାନେ ଯେଭଳି ସହଜରେ ଟିକସ ଦେଇପାରିବେ ଓ ଫେରସ୍ତ ପାଇପାରିବେ, ସେନେଇ ଆୟକର ବିଭାଗ ପକ୍ଷରୁ ସରଳୀକରଣ ବ୍ୟବସ୍ଥା କରାଯାଇଛି ।

ଅନ୍ୟପକ୍ଷରେ ଏକୀକୃତ ପେନ୍‌ସନ ଯୋଜନାରେ ୨୫ ବର୍ଷରୁ ଅଧିକ ସମୟ ଧରି ସରକାରୀ ଚାକିରିଆଙ୍କୁ ସେମାନଙ୍କର ମୂଳ ଦରମାର ୫୦ ପ୍ରତିଶତ ଦେବାନେଇ ବ୍ୟବସ୍ଥା କରାଯାଇଛି । ଗତ ଦଶନ୍ଧି ମଧ୍ୟରେ ସାମଗ୍ରିକ ମୁଦ୍ରାସ୍ଫୀତି ହାର ୮ ଦଶମିକ ୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ସରକାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ଦେଶର ୧ କୋଟି ୬୦ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ଶିଳ୍ପ ଆବଶ୍ୟକତାସମ୍ପନ୍ନ

ପ୍ରଶିକ୍ଷଣ ଦେଇଥିବାବେଳେ ୨୦୧୬ରୁ ଏପର୍ଯ୍ୟନ୍ତ ୪୦ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଇଛି । ଗତ ୧୦ ବର୍ଷ ମଧ୍ୟରେ ୯ ହଜାର ୯ ଶହଟି ପ୍ରଶିକ୍ଷଣ କେନ୍ଦ୍ରକୁ ବୃଦ୍ଧି କରାଯାଇ ଦେଶରେ ୧୪ ହଜାରରୁ ଅଧିକ କୌଶଳ ବିକାଶ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଛି ।

## ଅଲ୍ ପାର୍ଟି ଡେଲିଗେସନ

ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଜର୍ମାନ ଯାଇଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବର୍ଲିନଠାରେ ସେଠାକାର ନେତୃବୃନ୍ଦଙ୍କୁ ସନ୍ତ୍ରାସବାଦ ବିପକ୍ଷରେ ଭାରତର ଶୂନ୍ୟସହନଶୀଳତା ନୀତି ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ସୀମାପାର ଆତଙ୍କବାଦ କାର୍ଯ୍ୟକଳାପକୁ  ନିୟନ୍ତ୍ରଣ କରିବା ଦିଗରେ ଭାରତର ପଦକ୍ଷେପ ଏବଂ ସନ୍ତ୍ରାସବାଦୀ ଓ ସେମାନଙ୍କର ଶିବିରଗୁଡ଼ିକୁ ଧ୍ୱଂସ କରିବା ଲାଗି କରାଯାଇଥିବା ଅପରେସନ୍ ସିନ୍ଦୂର ସମ୍ପର୍କରେ ଜର୍ମାନ ସାଂସଦଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ ଭାରତର ପଦକ୍ଷେପକୁ ଜର୍ମାନ ସମର୍ଥନ କରିବା ସହିତ ସନ୍ତ୍ରାସବାଦ ବିପକ୍ଷରେ ମିଳିତ ଭାବେ ଲଢ଼େଇ କରିବା ଲାଗି ଆନ୍ତର୍ଜାତିକ ସମୁଦାୟକୁ ଆହ୍ୱାନ ଦେଇଛି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ରଣନୈତିକ

ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ପ୍ରତିରକ୍ଷା, ନିରାପତ୍ତା ଏବଂ ସନ୍ତ୍ରାସବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଭାରତ–ଜର୍ମାନ ସହଯୋଗ କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେ ସମ୍ପର୍କରେ ଅଲୋଚନା କରାଯାଇଛି।

ପ୍ରତିନିଧି ଦଳ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ସହ ଭାରତର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି । ସେ ସମ୍ପର୍କରେ ସାଂସଦ ରବିଶଙ୍କର କହିଛନ୍ତି :

***Voice (Rabishankar)*** :.........

## ଅମିତ୍ ଶାହା - ମଦୁରାଇ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସନ୍ଧ୍ୟାରେ ତାମିଲ୍‌ନାଡୁର ମଦୁରାଇରେ ପହଞ୍ଚିଛନ୍ତି । ଆଜି ଶ୍ରୀ ଶାହା ସେଠାରେ ରାଜ୍ୟ ବି.ଜେ.ପି.ର କୋର୍ କମିଟି ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କ ସହ ଶ୍ରୀ ଶାହା ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଏହି ଅବସରରେ ସେ ଐତିହାସିକ ମୀନାକ୍ଷୀ ଅମନ୍ ମନ୍ଦିର ପରିଦର୍ଶନ କରିବେ । ପରେ ନିର୍ବାଚନ ପ୍ରସ୍ତୁତି ନେଇ ଶ୍ରୀ ଶାହା ଦଳୀୟ ନେତାମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଗତ ସନ୍ଧ୍ୟାରେ ଶ୍ରୀ ଶାହା କେତେକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ମଣିପୁର ଇଣ୍ଟରନେଟ୍ ସର୍ଭିସ୍

ମଣିପୁରର ୫ଟି ଜିଲ୍ଲାରେ ଗତରାତିଠାରୁ ୫ ଦିନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଇଣ୍ଟରନେଟ୍ ଓ ମୋବାଇଲ୍ ଡାଟା ସର୍ଭିସ୍ ବନ୍ଦ ରଖାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି - ପଶ୍ଚିମ ଇମ୍ଫାଲ୍, ଥୋବାଲ୍, ବିଷ୍ଣୁପୁର, ପୂର୍ବ ଇମ୍ଫାଲ୍ ଏବଂ କାକ୍‌ଚିଙ୍ଗ୍ । ଗତକାଲି ମଣିପୁରର ଗୃହସଚିବ ଅଶୋକ କୁମାର ଏହି ନିଷେଧାଦେଶ ଜାରି କରି କହିଛନ୍ତି, ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ଆଇନ ଶୃଙ୍ଖଳା ପରିସ୍ଥିତି ଖରାପ ଦିଗକୁ ଗତି କରୁଥିବାରୁ ଅସାମାଜିକ ବ୍ୟକ୍ତିମାନେ ସାମାଜିକ ଗଣମାଧ୍ୟମ ଜରିଆରେ ବିଦ୍ୱେଷମୂଳକ ବାର୍ତ୍ତା ଓ ଫଟୋଚିତ୍ର ପ୍ରସାର କରିବାର ସମ୍ଭାବନା ରହିଛି । ସେ କହିଛନ୍ତି, ନିଷେଧାଦେଶର ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସୂଚନାଯୋଗ୍ୟ, ଗତକାଲି ଇମ୍ଫାଲ୍ ପୂର୍ବ ଏବଂ ପଶ୍ଚିମ ଜିଲ୍ଲାରେ ମୈତେୟୀ ଗୋଷ୍ଠୀର ଜଣକୁ ଗିରଫ କରାଯିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ।

## ଦିଲ୍ଲୀ - ବାଂଲାଦେଶୀ

ବହୁବର୍ଷ ଧରି ଦିଲ୍ଲୀରେ ବେଆଇନଭାବେ ବସବାସ କରୁଥିବା ୬୬ ଜଣ ବାଂଲାଦେଶୀ ନାଗରିକଙ୍କୁ ପୁଲିସ ଅଟକ ରଖିଛି । ଦିଲ୍ଲୀର ଉତ୍ତର-ପଶ୍ଚିମାଞ୍ଚଳରେ କୌଣସି ବୈଧ ଦସ୍ତାବିଜ ନ ଥାଇ ରହି ଆସୁଥିବା ବାଂଲାଦେଶୀ ନାଗରିକଙ୍କୁ ପୁଲିସ୍ ସେମାନଙ୍କ ଦେଶକୁ ପଠାଇବା ନେଇ ପ୍ରକ୍ରିୟା ଆରମ୍ଭ କରିଛି । ସମ୍ପୃକ୍ତ ବ୍ୟକ୍ତିମାନେ ବେଆଇନ ଭାବେ ଭାରତ ମଧ୍ୟକୁ ପ୍ରବେଶ କରି ବସବାସ କରୁଥିଲେ । ବୈଦେଶିକ ପଞ୍ଜୀକରଣ କାର୍ଯ୍ୟାଳୟ ସହ ସେମାନଙ୍କ ନାଗରିକତ୍ୱ ନେଇ ପୁଲିସ୍ ପକ୍ଷରୁ ଯାଞ୍ଚ କାର୍ଯ୍ୟ ଆରମ୍ଭ କରାଯାଇଛି ।

## କର୍ଣ୍ଣାଟକ - ସି.ଏମ୍. କମ୍ପେନ୍ସେସନ୍

ଆଇ.ପି.ଏଲ୍. ବିଜୟ ଉତ୍ସବ ପାଳନବେଳେ କର୍ଣ୍ଣାଟକର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ବାହାରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ୧୧ ଜଣଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ବଦଳରେ ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯିବ । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ସହାୟତା ରାଶି ବୃଦ୍ଧି ଲାଗି ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ

ଏବଂ ଶୋଭା କରନ୍ଦଲାଜେ ଏହି ସହାୟତା ରାଶିକୁ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଥିଲେ । ଘଟଣା ଘଟିବାର ଗୋଟିଏ ଦିନ ପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଆୟୋଜକ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିବାବେଳେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିଲା । ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି ।

## ଆସାମ ଫ୍ଲଡ୍

ଆସାମ ବନ୍ୟା ପରିସ୍ଥିତିରେ ସୁଧାର ହେବାରେ ଲାଗିଛି । ଏବେ ମଧ୍ୟ ୧୨ଟି ଜିଲ୍ଲାର ୩ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ଅଞ୍ଚଳରେ ରହିଥିବା ଜଣାପଡ଼ିଛି । ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ କାମରୂପ ମେଟ୍ରୋ ଜିଲ୍ଲାରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ଏହି ବନ୍ୟାରେ ହଜାରେଟି ଗ୍ରାମ ଏବଂ ୧୨ ହଜାର ୫ ଶହରୁ ଅଧିକ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ସୂଚନାରୁ ଜଣାପଡ଼ିଛି । ଉଦ୍ଧାର କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ଏସ୍.ଡି.ଆର୍.ଏଫ୍.କୁ ନିୟୋଜନ କରିଛନ୍ତି । ୧୩୩ଟି ରିଲିଫ୍ କ୍ୟାମ୍ପରେ ୩୬ ହଜାରରୁ ଅଧିକ ଲୋକ ଆଶ୍ରୟ ନେଇଛନ୍ତି ।

ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷା ପରିମାଣ ହ୍ରାସ ପାଉଥିବାରୁ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର କମିବାକୁ ଲାଗିଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ଆସାମର କେତେକ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଏପର୍ଯ୍ୟନ୍ତ ଆସାମ ବନ୍ୟାରେ ୨୩ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

*****